# ଭୋଜଂନ ଦେହି ରାଜେନ୍ଦ୍ର

କବି ରଘୁନାଥ ଦାସ

ଖାପଛଡା ଲେଖା ମୋର ଅଧା ଅଧା ଉତ୍ତର ପ୍ରଶ୍ନକୁ;

ଦି-ହଜାର ନୋଟ ଯୋଡି କ୍ରୋଡପତ୍ରେ, ଆଉ ବି ଯୋଡ଼ି

ଅଲେଖା ବାର ଫରଦ । ଲୋଡ଼ା ସାର୍ ଉଚ୍ଚ ଫାଷ୍ଟକାସ୍ ।'

ଅପୂର୍ଣ୍ଣ ଯା ପୂର୍ଣ୍ଣକର ପରୀକ୍ଷକ ଡା. ଫଲାନା ଦାଶ ।

ଦେଶସାରା ଲାଗିଛିତ ନିର୍ବଚନ ପାଇଁକି ଲଢ଼େଇ;

ଏ ପାଖେ ସାତ ଶ' କର୍ମୀ, ସେ ପାକ୍ଷରେ ତହିଁରୁ ଅଧିକ;

ଜିପ୍ ହୁଏ ହେରଫେର୍, ମାଇକ୍‌ରେ ଶୁଭେ ଜୟହିନ୍ଦ୍ ବଡ଼ଜୋର ।

ଏଟା ଖାଲି ମିଛେ ମିଛେ ପାଣିକି ବାଡ଼ିଆ

ଆଣି କଳାବାଲା ଠାରୁ ନଅକୋଟି ଚାନ୍ଦା ଆକାରରେ

ଭୋକିଲାଙ୍କ ମୁଖେ ଢ଼ୋକେ ଦିଅ ଆଉ ପାତିଦିଅ ଜାଲ୍

ଜିତାପଟ ରାତି ଅଧ କାରବାରେ

ସାବାସ୍, ସାବାସ୍!

ଏ ପଦର ଆରପଦ ରଚିଦିଅ କବି କାଳିଦାସ ।

ଜନତାର ସେବା ପାଇଁ ମନ୍ତ୍ରୀ ହୋଇ ଘେନିଛ ଶପଥ ।

ଦରିଦ୍ର ଦେଶଟା ଲାଗି ଲୋଡ଼ା ଶିଳ୍ପ, ଲୋଡ଼ା ବି ଯୋଜନା;

# ଭୋଜଂନ ଦେହି ରାଜେନ୍ଦ୍ର

କବି ରଘୁନାଥ ଦାସ

ଏଥିଲାଗି ପାଞ୍ଚକୋଟି, ସେଥିଲାଗି ପଞ୍ଚସ୍ତରୀ ଲକ୍ଷ;

କୃଷିର ଉନ୍ନତି କଲେ ଭୂସଂସ୍କାର, ଚକବନ୍ଦୀ ମଧ୍ୟେ;

ଉଦ୍‌ଘାଟନ କର ଦେଶ ଯେତେ ନଦୀ ଓ ପର୍ବତ;

ଦ୍ରାରିଦ୍ର୍ୟର ସୀମାରେଖା ବଢ଼େ ଯେବେ ଭବିଷ୍ୟ ଉଜ୍ଜଳ;

ଅମଲାଏ କରୁଛନ୍ତି ଫାଇଲରେ ବୈପ୍ଳବିକ ଚାଷ ।

ଏ ପ୍ରସଙ୍ଗେ ଆରପଦ ଲେଖ ଲେଖ କବି କାଳିଦାସ ।

ଧର୍ମଛାଡି ଦେଶର ଏ ଅଧୋଗତି; ଘୋଟିଛି ଦୁର୍ଦ୍ଦଶା;

ଧର୍ମ ସଂସ୍ଥାପନା ଲାଗି ଆୟୋଜନ କଲୁଣି ବହୁତ;

ଚାନ୍ଦାରୁ ଉଠିଛି ଲକ୍ଷେ ଲକ୍ଷେ ପୁଣି ସରକାରୀ ଗ୍ରାଣ୍ଟ;

ପେଣ୍ଡାଲ ଓ ସାଜସଜ୍ଜା ଖର୍ଚ୍ଚ ଯିବ ପଚାଶ ହଜାର

ଉଦ୍‌ବୋଧନ ଦେବେ ମନ୍ତ୍ରୀ, ପ୍ରେସ୍ ବାଲା ଆସିବେ ଅନେକ

ଚର୍ଚ୍ଚାଲାଗି ଖର୍ଚ୍ଚ ଅଛି, ଏତେ ଟଙ୍କା ଉଠିବ କିପରି?

ବହୁ ଲୋକ ସମାଗମ; ବେଳ କାହିଁ ମାରିବି ନିଃଶ୍ବାସ?

ଏ ଧର୍ମ ମର୍ମକଥା ଫେଡିଦିଅ କବି କାଳିଦାସ ।

www.jataayu.org